### କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଦିବସବ୍ୟାପୀ କାର୍ଯ୍ୟକ୍ରମ

# ଭାଷା ଆନ୍ଦୋଳନ ଏକ ନିରନ୍ତର ପ୍ରକ୍ରିୟା: ହରପ୍ରସାଦ ଦାସ





ବାଲେଶ୍ୱର (ସବ୍ୟୁ) : ଓଡ଼ିଆ ଭାଷା ଆନ୍ଦୋଳନରେ ବାଲେଶ୍ୱରର ପ୍ରମୁଖ ଭୂମିକା ରହିଥିବା ବେଳେ ଆଜିବି ଏ ଆନ୍ଦୋଳନର ଶେଷ ହୋଇନାହିଁ । ଭାଷା ଆନ୍ଦୋଳନ ଏକ ନିରନ୍ତର ପ୍ରକ୍ରିୟା ଅଟେ । ଆମ ପୂର୍ବସୂରୀମାନେ ଏଭାଷାକୁ ବଞ୍ଚାଇବା ପାଇଁ ଯେଉଁ ଆନ୍ଦୋଳନ କରିଯାଇଛନ୍ତି ସେଥିପାଇଁ ସେମାନେ ଆମର ଚିର ନମସ୍ୟ । ସେମାନଙ୍କ ମଧ୍ୟରେ କଥା ସମ୍ରାଟ ଫକୀରମୋହନ ଓ କବିବର ରାଧାନାଥଙ୍କ ଅବଦାନ ଅତୁଳନୀୟ । କ୍ରମାଗତ ଆନ୍ଦୋଳନ ପାଇଁ ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇପାରିଛି । ପ୍ରଭୁଜଗନ୍ନାଥଙ୍କ ପାଇଁ ପୁରୀକୁ ଶ୍ରୀକ୍ଷେତ୍ର ବୋଲି କୁହାଯାଉଥିବା ବେଳେ ଓଡ଼ିଆ ସାହିତ୍ୟକୁ ବିଶେଷ ଅବଦାନ ପାଇଁ ବାଲେଶ୍ୱରକୁ ବାଣୀକ୍ଷେତ୍ର କୁହାଯିବା ଆବଶ୍ୟକ ବୋଲି ଆଜି କେନ୍ଦ୍ର ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଆୟୋଜିତ ଓଡ଼ିଆ ଭାଷା ଓ ସାହିତ୍ୟ ଆନ୍ଦୋଳନରେ ବାଲେଶ୍ୱର ଶୀର୍ଷକ ଆଲୋଚନା ଚକ୍ରରେ ଉଦ୍‌ଘାଟକ ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ହରପ୍ରସାଦ ଦାସ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ଏକାଡେମୀ ପୂର୍ବାଞ୍ଚଳ କାର୍ଯ୍ୟାଳୟ,କୋଲକୋତାର ମିହିର କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସାହିତ୍ୟ ଏକାଡ଼େମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଏତାଦୃଶ କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏକାଡ଼େମୀର ସଦସ୍ୟ ଡ. ତରୁଣ କୁମାର ସାହୁ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଶେଷରେ ତପନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଅଧିବେଶନରେ ପ୍ରବନ୍ଧପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାବନ୍ଧିକ ଅଭୟ ଦ୍ୱିବେଦୀ,ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ.ଶିରିଶ ଜେନା ,ଡ.କୃଷ୍ଣଚନ୍ଦ୍ର ଭୂୟାଁ, ଡ. ଅରବିନ୍ଦ ଗିରି,ରବିନ୍ଦ୍ରନାଥ ସାମଲ ପ୍ରମୁଖ ଓଡ଼ିଆ,ଭାଷା ଓ ସାହିତ୍ୟ ଆନ୍ଦୋଳନରେ ବାଲେଶ୍ୱର ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ କବି ବିମଳ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଶେଷରେ ରଂଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷ ଅଧିବେଶନରେ ଏକାଡେମୀର ଅସ୍ମିତା କାର୍ଯ୍ୟକ୍ରମରେ ଲେଖିକା ମାନଙ୍କ ଦ୍ୱାରା କବିତା ଓ ଗଳ୍ପପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ମିହିର କୁମାର ସାହୁ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ବିଜୟାନନ୍ଦ ସିଂ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ଦୀପ୍ତି ଦାସ, ପୁଷ୍ପାଞ୍ଜଳୀ ନାୟକ, ସୈରିନ୍ଧ୍ରୀ ସାହୁ, ମୋନାଲିସା ମିଶ୍ର, କ୍ଷୀରୋଦିନୀ ବେହେରା ପ୍ରମୁଖ ସ୍ୱରଚିତ ଗଳ୍ପ ଓ କବିତା ପଠନ କରିଥିଲେ । କବି ବିମଳ ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।